

# ଦଳ ଦଳ କରି ଗଣିବା

ପାଠ-୪



ଚେତନ ଯାଦୁକରଙ୍କୁ କହିଲା – 'ମୋ ଟଙ୍କାଟି ୩ଟଙ୍କା କରିଦିଅ ମୁଁ ଚକୋଲେଟ୍ ଖାଇବି ।'


ଯାଦୁକର ଟଙ୍କାଟିକୁ ଖାଲି ଡବାରେ ପୁରାଇ ଚୁ ... ରୁ ... ରୁ... ରୁ ଭୁଷ୍ ମନ୍ତ୍ର ପଢ଼ିଲେ। ତାଙ୍କ କାନ ପାଖରେ ଡବା ହଲାଇ ହାତକୁ ଟଙ୍କା ଢାଳିଦେଲେ। ଚେତନ ଚଟାପଟ୍ ଗଣି ୩ ଟଙ୍କା କହିଲା ।



ଯାଦୁକର ଚୁ ... ରୁ... ରୁ... ରୁ ଭୁଷ୍ କହି ନାକ ପାଖରୁ ଟଙ୍କା ବାହାର କଲେ । ଚେତନ ତିନି ତିନି ଛଅ ଟଙ୍କା ଗଣିଲା ।

ଏମିତି ହାତରୁ, ଗୋଡ଼ରୁ, ଆଣ୍ଠୁରୁ, ମୁଣ୍ଡରୁ ଟଙ୍କା ବାହାରିଲା ।

ଚେତନ ଗଣିଲା ୩, ୬, ୯, ୧୨, ୧୫ ଟଙ୍କା ।




ଏବେ ଥରକେ ୫ଟଙ୍କା ବାହାର କରିବାକୁ ରୀନା କହିଲା ।

ଯାଦୁକର ଆଗଭଳି ଡବାରୁ ୫ଟଙ୍କା ଲେଖାଏଁ ପ୍ରତି ଥର ବାହାର କଲେ ।

ରୀନା ଗଣିଲା – ୫, ୧୦, ୧୫, ୨୦.... ଟଙ୍କା ।


ଏବେ କହ–

- ଚେତନ ପାଇଥିବା ଟଙ୍କାକୁ କିପରି ଗଣିଲା ?
- ଚେତନ ମଝିରେ କେତୋଟି ଲେଖାଏଁ ସଂଖ୍ୟା ଡେଇଁ ଗଣୁଥିଲା ?
- ପ୍ରଥମେ ସେ କେଉଁଠାରୁ ସଂଖ୍ୟା ଗଣନ ଆରମ୍ଭ କଲା ?
- ରୀନା କେଉଁଠାରୁ ସଂଖ୍ୟା ଗଣିବା ଆରମ୍ଭ କଲା ?
- ରୀନା ମଝିରେ କେତୋଟି ସଂଖ୍ୟା ଡେଇଁ ଗଣୁଥିଲା ?


**ଏମାନଙ୍କୁ ଡେଇଁ ଡେଇଁ ଆଗକୁ ନିଅ ।**





ଗଣିବା କେମିତି ? ୨, ୪, ୬, ୮, ୧୦ .......




ଗଣିବା କିପରି ? ୫, ୧୦, ୧୫,..........





ଠେକୁଆ ଥରକେ ୪ଟି ଘର ଡେଇଁବ । ୩୬ରେ ପହଞ୍ଚିବା ପାଇଁ ଠେକୁଆ କେତେ ଡିଆଁ ମାରିବ ?




ବେଙ୍ଗ ଡେଇଁବା ସଂଖ୍ୟାରୁ ପହଞ୍ଚିବା ସଂଖ୍ୟା ମଝିରେ କେତୋଟି ସଂଖ୍ୟା ପାର ହେଉଛି ?

ଠେକୁଆ ପ୍ରତି ଡିଆଁରେ ୧୦ଟି ପଥର ପାର ହୁଏ । ଠେକୁଆ ଡେଇଁବା ପଥର ଉପରେ ଠିକ୍ ନମ୍ବର ଲେଖ ।




**ଶିକ୍ଷକଙ୍କପାଇଁ ସୂଚନା :-** ଯେକୌଣସି ସଂଖ୍ୟାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଗଣିବା ପାଇଁ ସୁଯୋଗ ସୃଷ୍ଟି କରାଯିବ । ଯେପରି ପିଲାମାନେ ୨-୨ କରି, ୩-୩ କରି, ୪-୪କରି, ୫-୫କରି ଓ ୧୦-୧୦ କରି ଗଣିବେ । ବସ୍ତୁ ବ୍ୟବହାର କରି ଏପରି ଗଣିବା କାମ କରାଯିବ ।

## ଗାଁ ହାଟ



ପିଲାମାନେ ବଣଭୋଜି ପାଇଁ ଶିକ୍ଷକଙ୍କ ସହିତ ଜିନିଷ କିଣୁଥା'ନ୍ତି ।


ଶିକ୍ଷକ ଚିଠା ଦେଖି କହିଲେ– 'ଲେମ୍ବୁ ୧୨ଟା,
ନଡ଼ିଆ ୮ଟା ଓ
କଦଳୀ ୨୪ଟା କିଣା ହେବ ।'

କଳିକା, କେଦାର ଓ କୁସୁମ କିପରି ଲେମ୍ବୁ,ନଡ଼ିଆ, କଦଳୀ କିଣିଲେ ଦେଖ ।



କଳିକା - ମୋତେ ଲେମ୍ବୁ ୧୨ଟି ଦିଅ ।

ଲେମ୍ବୁବାଲା ଚାରି ଚାରିଟି କରି ଲେମ୍ବୁ ଗଣିଲା ।



| | | |
|---|---|---|
| ୧ ପୁଞ୍ଜା | ୧ ପୁଞ୍ଜା | ୧ ପୁଞ୍ଜା |

**୩ ପୁଞ୍ଜା ଲେମ୍ବୁ = ୧୨ଟା ଲେମ୍ବୁ**



କେଦାର - ମୋତେ ନଡ଼ିଆ ୮ଟି ଦିଅ ।

ନଡ଼ିଆବାଲା - ଦୁଇ ଦୁଇଟା କରି ଗଣି ନଡ଼ିଆ ଦେଲା ।



| | | | |
|---|---|---|---|
| ୧ ଯୋଡ଼ା | ୧ ଯୋଡ଼ା | ୧ ଯୋଡ଼ା | ୧ ଯୋଡ଼ା |

**୪ ଯୋଡ଼ା ନଡ଼ିଆ = ୮ଟି ନଡ଼ିଆ**



କୁସୁମ - ମୋତେ କଦଳୀ ୨୪ଟି ଦିଅ।

କଦଳୀବାଲା ବାର ବାରଟି କରି ଗଣି କଦଳୀ ଦେଲା ।





**୨ଡଜନ କଦଳୀ = ୨୪ ଟି କଦଳୀ**

**ଏବେ କହ**


- ଥରକେ ୨ଟି ଲେଖାଏଁ ନଡ଼ିଆ ନେଇ ୮ଟି ନଡ଼ିଆକୁ କେତେ ଥରରେ ଗଣିଲା ?
- କେତେ ଥର ଗଣିବାରୁ ୧୨ଟି ଲେମ୍ବୁ ହେଲା ?
- ୨୪ଟି କଦଳୀକୁ କେତେ ଥରରେ ଗଣାଗଲା ?
- କିଏ ବେଶୀ ଥର ଗଣିଲା ?
- ଥରକେ ୪ଟି ଲେଖାଏଁ ଗଣିଥିଲେ ୮ଟି ନଡ଼ିଆ କେତେ ଥର ହୋଇଥା'ନ୍ତା ?
- ଥରକେ ଅଧିକ ଜିନିଷ ନେଇ ଗଣିଲେ କ'ଣ ସୁବିଧା ହୁଏ ?

**ଥରକେ ବେଶୀ ସଂଖ୍ୟକ ଜିନିଷ ନେଇ ଗଣିଲେ ଅଳ୍ପ ଥର ଗଣିବାକୁ ହୋଇଥାଏ ।**


- ଠେକୁଆ ଓ ମାଙ୍କଡ଼ ଉଭୟଙ୍କ ପାଖରେ ୨୦ଟି ଲେଖାଏଁ କୋଳି ଅଛି । ୨୦ଟି କୋଳିକୁ କିଏ କେତେଥର ଗଣିବ ?



☐ ଥରରେ ☐ ଥରରେ



- ୩୦ଟି ଦୀପକୁ କିଏ କିପରି ଗଣିଲେ ଦେଖ -




**ଏବେ କହ–**

- କିଏ ଥରକେ କେତୋଟି ଲେଖାଏଁ ଦୀପ ଗଣିଲେ ?
- ନିହାରିକା କେତେ ଥର ଗଣିଲା ?
- ଏମାନଙ୍କ ମଧ୍ୟରୁ ୩୦ଟି ଦୀପ ପାଇବା ପାଇଁ କିଏ କମ୍ ଥର ଗଣିଲା ?
- ସେମାନଙ୍କ ଗଣନା ମଧ୍ୟରୁ କାହାର ଗଣନା ଅଧିକ ସୁବିଧାଜନକ ? କାହିଁକି ?

**ଶିକ୍ଷକଙ୍କ ପାଇଁ ସୂଚନା -** ଯୋଡ଼ା, ପୁଞ୍ଜା, ଡଜନ ଆଦି ଅନେକ ପ୍ରକାରରେ ଗଣାଯାଇଥାଏ । କିନ୍ତୁ ୧୦, ୧୦ ନେଇ ଗଣିବା ସହଜ ଓ ସୁବିଧା ଜନକ ବୋଲି ପିଲା ଅନୁଭବ କରିବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଦରକାର । ପିଲାମାନଙ୍କୁ ଯୋଡ଼ା, ପୁଞ୍ଜା, ଗଣ୍ଡା, ଡଜନ ଭଳି ଶବ୍ଦ ସହ ପରିଚିତ କରାଇବେ ।

## ଦଶ ଦଶ କରି ଗଣିବା–

୧୦ଟି ମହମବତୀରେ ଗୋଟିଏ ବିଡ଼ା, କେତେ ବିଡ଼ା ହେଲା ଓ କେତେ ବଳିଲା ?

ବଣ୍ଟି ଗଣିଲା





= ୨୩ଟି

୧୦ଟି ୧୦ଟି ୩ଟି

ବୁନୁ ଗଣିଲା






= ଦୁଇ ବିଡ଼ା ଓ ୩ଟି ଗୋଟିକିଆ ମହମବତୀ

| ୧ ଦଶ | ୧ ଦଶ | ୩ ଏକ |
|---|---|---|

**୨୩ = ୨ ଦଶ ୩ ଏକ**

- ୧୦ଟି ଫୁଲରେ ଗୋଟିଏ ତୋଡ଼ା, କେତୋଟି ଫୁଲତୋଡ଼ା ହେଲା ଦେଖ ।






ମୋଟ ୪୬ଟି ଫୁଲ ଥିଲା । ୪ ଟି ଫୁଲତୋଡ଼ା ହୋଇ ୬ଟି ବଳିଲା ।

**୪୬ = ୪ ଦଶ ୬ ଏକ**




ପତର ତଳେ ଯାହା ଲୁଚିଯାଇଛି, ପତର ଉପରେ ତାହା ଲେଖ -

| | | | | |
|---|---|---|---|---|
| ୨ | ୧ | = | ୨ଦଶ | ୧ଏକ |
| ୫ | ୦ | = | | ୦ଏକ |
| ୬ | ୮ | = | | ୮ଏକ |
| ୧ | | = | ୧ଦଶ | ୯ଏକ |
| | ୫ | = | ୪ଦଶ | ୫ଏକ |
| | | = | ୭ଦଶ | ୧ଏକ |
| ୩ | ୫ | = | | |
| ୨ | | = | ୨ଦଶ | ୭ଏକ |
| ୫ | ୩ | = | | ୩ ଏକ |


● ବିଦ୍ୟାଳୟ ସଫା କରିବାକୁ ୧୦ ଜଣ ଲେଖାଏଁ ପିଲା ନେଇ ଗୋଟିଏ ଦଳ କରାଗଲା । ପ୍ରତି ଶ୍ରେଣୀରେ କେତୋଟି ଦଳ ହେବ ଓ କେତେ ପିଲା ବଳିବେ ଲେଖ ।

| ଶ୍ରେଣୀ | ପିଲାସଂଖ୍ୟା | ଦଳସଂଖ୍ୟା | ବଳକା ପିଲା |
|---|---|---|---|
| ୧ମ | ୪୩ | ୪ | ........... |
| ୨ୟ | ୩୭ | ୩ | ........... |
| ୩ୟ | ୩୧ | ............ | ........... |
| ୪ର୍ଥ | ୨୬ | ............ | ........... |
| ୫ମ | ୩୦ | ............ | ........... |
| ୬ଷ୍ଠ | ୨୯ | ............ | ........... |
| ୭ମ | ୨୪ | ............ | ........... |



ଗଛ ମୂଳ ଖୋଲରେ ବିଲୁଆଟିଏ, ଗଛ ଉପରେ ଗୋଟିଏ କାଉ ଓ ୬୩ଟି ଶୁଆ ସାଥୀ ହୋଇ ରହୁଥିଲେ । ଦିନେ ଶୁଆମାନେ ଗଛକୁ ଫେରିଲେ ନାହିଁ ।

କାଉ, ବିଲୁଆ ଦୁହେଁ ଖୋଜି ବାହାରିଲେ ।
ଶୁଆମାନଙ୍କୁ ଜାଲରେ ପଡ଼ିଥିବାର ଦେଖିଲେ ।
ବିଲୁଆ ଶୁଆମାନଙ୍କୁ କହିଲା, "ଡରିଲେ ମରିବ ।
ମୁଁ ଯାହା କହୁଛି କର ।
ତୁମ୍ଭେମାନେ ମଲା ଭଳି ପଡ଼ି ରୁହ,
ମୁଁ ବୁଦାମୂଳେ ଲୁଚୁଛି - ଆଗ ଗୋଡ଼
ଦୁଇଟି ଟେକିଲେ, କାଉ କା- କା -କରିବ,
ତୁମେମାନେ ଉଡ଼ିଯିବ ।"



ଶିକାରୀ ଆସିଲା ।
ଶିକାରୀ ମଲା ଶୁଆଭାବି, ଜାଲରୁ ଗୋଟିଏ ଗୋଟିଏ ଶୁଆ ବାହାରେ ରଖିଲା ! ବିଲୁଆ ଗଣି ଚାଲିଲା । ଯେତେବେଳେ ୬୩ଟି ଶୁଆ ହେଲା, ବିଲୁଆ ଆଗ ଗୋଡ଼ ଦୁଇଟି ଟେକି ଦେଲା । କାଉ କା - କା କଲା, ଶୁଆମାନେ ଏକାବେଳେ ଗଛ ଉପରକୁ ଉଡ଼ିଗଲେ ।



ବିଲୁଆକୁ ପଚାରିଲା କାଉ "ଏତେ ଶୁଆକୁ କିପରି ଗଣିଲ ?" ।
ବିଲୁଆ କହିଲା, "ଦେଖ, ମୁଁ କିପରି ସହଜରେ ଗଣିଲି ।"





ଗୋଟିଏ ଶୁଆ - ୧
୪ଟି ଶୁଆ - ୧ ୧ ୧ ୧
୯ଟି ଶୁଆ - ୧ ୧ ୧ ୧ ୧ ୧ ୧ ୧ ୧
୧୦ଟି ଶୁଆ - ୧୦
୨୦ଟି ଶୁଆ - ୧୦ ୧୦
୨୧ଟି ଶୁଆ - ୧୦ ୧୦ ୧
୪୫ଟି ଶୁଆ - ୧୦ ୧୦ ୧୦ ୧୦ ୧ ୧ ୧ ୧ ୧
୬୩ଟି ଶୁଆ - ୧୦ ୧୦ ୧୦ ୧୦ ୧୦ ୧୦ ୧ ୧ ୧

ବିଲୁଆ କହିଲା, "ମୁଁ କିପରି ଗଣିଲି ଦେଖିଲ ।" ଏବେ ତୁମେ ସେହିଭଳି ସଂଖ୍ୟା କାର୍ଡ଼ ତିଆରି କର ।


୩୦ଟି ଶୁଆ =

୪୭ଟି ଶୁଆ =

୫୭ଟି ଶୁଆ =

## ଅଭ୍ୟାସ କାର୍ଯ୍ୟ

୧. ନେଉଳ ଥରକେ ୩ଟି ଲେଖାଏଁ ଗଣିଲା । ବିଲେଇ ଥରକେ ୫ଟି ଲେଖାଏଁ ଗଣିଲା ।




କିଏ ଅଧିକା ଥରରେ ସବୁ ମାଛକୁ ଗଣିଲା ? ................................................

୨. ଖାଲି ଘର ପୂରଣ କର -

| ସଂଖ୍ୟା | ଦଶ | ଏକ |
|---|---|---|
| ୩୭ | ୩ | ..... |
| ୮୧ | ..... | ୧ |
| ୪୮ | ..... | ..... |
| ୯୭ | ..... | ..... |
| ..... | ୫ | ୫ |
| ..... | ୭ | ୯ |

୩.




ଗୋଟିଏ ସବୁଜ ଟିକିଲି ୧୦କୁ ବୁଝାଏ ଓ ଗୋଟିଏ ହଳଦିଆ ଟିକିଲି ୧କୁ ବୁଝାଏ

ଚଇନ ଓ କମଳା କେଉଁ କେଉଁ ସଂଖ୍ୟା ପାଇଲେ ଲେଖ ।

କମଳା ପାଇଥିବା ସଂଖ୍ୟା = ........................................

ଚଇନ ପାଇଥିବା ସଂଖ୍ୟା = ........................................

୪. ତୁମ ମନରୁ ଛଅଟି ଦୁଇ ଅଙ୍କବିଶିଷ୍ଟ ସଂଖ୍ୟା ଲେଖ । ସେଗୁଡ଼ିକୁ ଦଶ ଓ ଏକରେ ବିସ୍ତାରିତ କରି ଲେଖ ।